# Prime Minister Modi’s meeting with President of Indonesia H.E. Mr. Joko Widodo on the sidelines of G20 in Rome, Italy

October 31, 2021

## ଇଟାଲୀର ରୋମ୍ ଠାରେ ଅନୁଷ୍ଠିତ ଜି୨୦ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଇଣ୍ଡୋନେସିଆର ରାଷ୍ଟ୍ରପତି ମହାମହିମ ଶ୍ରୀ ଜୋକୋ ୱିଡୋଡୋଙ୍କ ସହିତ ବୈଠକ

**ଅକ୍ଟୋବର 31, 2021**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡୋନେସିଆର ରାଷ୍ଟ୍ରପତି ମହାମହିମ ଶ୍ରୀ ଜୋକୋ ୱିଡୋଡୋଙ୍କ ସହିତ ୩୧ ଅକ୍ଟୋବର ୨୦୨୧ ରେ ଇଟାଲୀର ରୋମରେ ଜି -୨୦ ଶିଖର ସମ୍ମିଳନୀ ଅବସରରେ ସାକ୍ଷାତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ ଇଣ୍ଡୋନେସିଆକୁ ଆସନ୍ତା ବର୍ଷ ଜି -୨୦ ସମ୍ମିଳନୀରେ ଅଧ୍ୟକ୍ଷତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଟ୍ରୋକିଆର ଏକ ଅଂଶ ଭାବରେ ଏହି ଦେଶ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଭାରତର ପ୍ରସ୍ତୁତ ଥିବା ବିଷୟରେ ତାଙ୍କୁ ଆଶ୍ୱାସନା ଦେଇଛନ୍ତି ।

ଉଭୟ ନେତା ଭାରତ-ଇଣ୍ଡୋନେସିଆର ବ୍ୟାପକ ରଣନୀତିକ ସହଭାଗୀତା ଉପରେ ଆଲୋଚନା କରିଥିଲେ । କୋଭିଡ-୧୯ ମହାମାରୀ ସମୟରେ ନିରନ୍ତର ସମର୍ଥନକୁ ଦୁଇ ନେତା ପରସ୍ପରର ପ୍ରଶଂସା କରିଥିଲେ ଏବଂ ମହାମାରୀ ପରବର୍ତ୍ତୀ ପୁନରୁଦ୍ଧାର ଦିଗରେ ସହଯୋଗ କରିବାକୁ ସହମତ ହୋଇଥିଲେ । ସେମାନେ ଇଣ୍ଡୋ-ପାସିଫିକ୍ ସହଯୋଗର ଗୁରୁତ୍ୱ ଉପରେ ମଧ୍ୟ ଜୋର ଦେଇଥିଲେ ।

ଉଭୟ ନେତା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗକୁ ମଜବୁତ କରିବା ସହିତ ପରସ୍ପର ମଧ୍ୟରେ ଭାବ ବିନିମୟ ପାଇଁ ସୁଯୋଗ ସୃଷ୍ଟି ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ବିଶେଷକରି ଜଳବାୟୁ ଆର୍ଥିକ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ରୋମ୍,
**ଅକ୍ଟୋବର 31, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.